To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

କ୍ୟାନ୍‌ସରରେ ପୀଡ଼ିତ ହୋଇଥିବା ନେଇ ସୂଚନା ଦେଲେ ସୋନାଲି ବେନ୍ଦ୍ରେ

R.N.I. No.-42041/83 Vol-16, Issue No.10, ଭଦ୍ରକ, ଗୁରୁବାର, ୫, ଜୁଲାଇ ୨୦୧୮ ■ Bhadrak, Thursday, 5 July 2018 Rs. 2.00 Pages-8

ନିର୍ବାଚିତ ସରକାର ହିଁ ଅସଲି କ୍ଷମତାକେନ୍ଦ୍ର

ଦିଲ୍ଲୀକୁ ପୂର୍ଣ୍ଣରାଜ୍ୟ ମାନ୍ୟତା ଦେବା ଅସମ୍ଭବ

ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

- ମନ୍ତ୍ରୀ ପରିଷଦ ପରାମର୍ଶ ମାନିବାକୁ ଉପରାଜ୍ୟପାଳ ବାଧ
- ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିପାରିବେନି ଉପରାଜ୍ୟପାଳ
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲ ଆଶ୍ୱସ୍ତ
- ଉତ୍ସବ ମନାଇଲେ ଆପ୍ କର୍ମକର୍ତ୍ତା

ନୂଆଦିଲ୍ଲୀ, ୪।୭: ଦିଲ୍ଲୀ ଶାସନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ନିର୍ବାଚିତ ସରକାର ପାଖରେ ହିଁ ରହିବ ପ୍ରକୃତ କ୍ଷମତା । ମନ୍ତ୍ରୀ ପରିଷଦ ପରାମର୍ଶ ମାନିବାକୁ ଉପରାଜ୍ୟପାଳ ବାଧ । ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିପାରିବେନି ଉପରାଜ୍ୟପାଳ । ସର୍ବୋଚ୍ଚ କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଦିଲ୍ଲୀରେ କେଜ୍ରିୱାଲ୍ ସରକାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଦିଲ୍ଲୀ ସରକାର ଓ ଉପରାଜ୍ୟପାଳଙ୍କ ମଧ୍ୟ ଚାଲିଥିବା ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି । ୫ ଜଣିଆ ଖଣ୍ଡପୀଠ ରାୟରେ କହିଛନ୍ତି ଯେ, ଯଦି କୌଣସି ପ୍ରସଙ୍ଗରେ ମତଭେଦ ଥାଏ ତାକୁ ଉଭୟ ପକ୍ଷ ଆପୋଷ ବୁଝାମଣା କରି ସମାଧାନ କରିବା ଉଚିତ । ଦିଲ୍ଲୀ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳଠାରୁ ଭିନ୍ନ ବୋଲି ମଧ୍ୟ କହିଛନ୍ତି ଖଣ୍ଡପୀଠ । ତେବେ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ସମ୍ଭବ ନୁହେଁ ବୋଲି କହିଛନ୍ତି କୋର୍ଟ । ଦିଲ୍ଲୀର ଲୋକ ହିଁ ମୁଖ୍ୟ ଓ ଲୋକେ ବାଛିଥିବା ସରକାର ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ପୂର୍ବରୁ ଦିଲ୍ଲୀ ହାଇକୋର୍ଟ, ଉପରାଜ୍ୟପାଳଙ୍କୁ ଦିଲ୍ଲୀର ପ୍ରଶାସନିକ ମୁଖ୍ୟ ବୋଲି ରାୟ ଦେଇଥିଲେ । ହାଇକୋର୍ଟ କହିଥିଲେ ଯେ ଉପରାଜ୍ୟପାଳ ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତି ମାନିବାକୁ ବାଧ୍ୟ ନୁହେଁ । ସେ ନିଜ ବିବେକ ଅନୁଯାୟୀ କାର୍ଯ୍ୟ କରିପାରିବେ । ହାଇକୋର୍ଟଙ୍କ ଏହି ରାୟକୁ ଦିଲ୍ଲୀ ସରକାର **(ପୃଷ୍ଠା-୭)**

ଧାନ କ୍ୱିଣ୍ଟାଲ ପ୍ରତି ୨୦୦ ଟଙ୍କା ବଢ଼ିଲା

- ଏମ୍‌ଏସ୍‌ପି ବୃଦ୍ଧିକୁ ନେଇ ସଂଗ୍ରାମ ଜାରୀ ରହିବ : କୃଷି ମନ୍ତ୍ରୀ
- କ୍ୟାବିନେଟ୍ ନିଷ୍ପତି ସମୁଦ୍ରକୁ ଶଙ୍ଖେ : ଯୋଗାଣ ମନ୍ତ୍ରୀ
- ଉତ୍ପାଦନ ଖର୍ଚ୍ଚ ଠାରୁ ଯଥେଷ୍ଟ କମ୍ : କଂଗ୍ରେସ
- ଚାଷୀ ମାନେ ବିଶେଷ ଉପକୃତ ହେବେନାହିଁ : ସିପିଆଇ

ଭୁବନେଶ୍ୱର, ୪।୭ (ସକାଳ ଖବର): କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ଏକ ବୃହତ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ ୨୦୧୮-୧୯ ଖରିଫ ଋତୁ ପାଇଁ ବିଭିନ୍ନ ଖରିଫ ଫସଲର ସର୍ବନିମ୍ନ ସହାୟକ/ସମର୍ଥନ ମୂଲ୍ୟ (ଏମଏସପି) ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ଏହି ନିଷ୍ପତି ଅନୁଯାୟୀ କଳା ରାଶି ବା ନାଇଜର ବିହନର ସର୍ବନିମ୍ନ ସହାୟକ/ସମର୍ଥନ ମୂଲ୍ୟ କ୍ୱିଂଟାଲ ପ୍ରତି ୧୮୨୭ ଟଙ୍କ, ମୁଗର ସର୍ବନିମ୍ନ ସହାୟକ ମୂଲ୍ୟ ୧୪୦୦ ଟଙ୍କା, ସୂଯର୍ଯ୍ୟମୁଖୀ ମଞ୍ଜିର ଏମଏସପି ୧୨୮୮ ଟଙ୍କା ଏବଂ କପାର ଏମଏସପି କ୍ୱିଂଟାଲ ପ୍ରତି ୧୧୩୦ ଟଙ୍କା ବୃଦ୍ଧି ଅପ୍ରତ୍ୟାଶିତ ଅଟେ। ଶସ୍ୟ ଏବଂ ପୁଷ୍ଟିସାଧନ ଶସ୍ୟର ସର୍ବନିମ୍ନ ସମର୍ଥନ ମୂଲ୍ୟରେ ସୁଧ ବୃଦ୍ଧିକୁ ଆଖି ଆଗରେ ରଖି ଧାନ (ସାଧାରଣ)ର ଏମଏସପିରେ ୨୦୦ ଟଙ୍କା ପ୍ରତି କ୍ୱିଂଟାଲ, ଯଅ (ହାଇବ୍ରିଡ)ରେ ୭୩୦ ଟଙ୍କା ପ୍ରତି କ୍ୱିଂଟାଲ ଏବଂ ସୋରିଷରେ କ୍ୱିଂଟାଲ ପ୍ରତି ୯୯୭ ଟଙ୍କା ବୃଦ୍ଧି କରାଯାଇଛି। ଗତବର୍ଷ ତୁଳନାରେ ଏମଏସପିରେ ସବୁଠୁ ଅଧିକ ବୃଦ୍ଧି ରାଗୀରେ (୫୨.୪୭ ପ୍ରତିଶତ) କରାଯାଇଛି। ଏହାପରେ ଦ୍ୱିତୀୟ ସ୍ଥାନରେ ଯଅ ହାଇବ୍ରିଡ (୪୨.୯୪ ପ୍ରତିଶତ) ଅଟେ। ଡାଲି ଜାତୀୟ ଫସଲରେ ମୁଗ ବ୍ୟତୀତ ହରଡ଼ (ତୁର)ର ସର୍ବନିମ୍ନ ସମର୍ଥନ ମୂଲ୍ୟରେ ୨୨୫ ଟଙ୍କା ପ୍ରତି କ୍ୱିଂଟାଲ ବୃଦ୍ଧି କରାଯାଇଛି। ଫଳରେ ବ୍ୟୟ ତୁଳନାରେ ରିଟର୍ଣ୍ଣ ୬୫.୩୬ ପ୍ରତିଶତ ବୃଦ୍ଧି ହେବ। ହରଡ଼ର ଏମଏସପିରେ ବ୍ୟୟ ତୁଳନାରେ ରିଟର୍ଣ୍ଣ ୬୨.୮୯ ପ୍ରତିଶତ ବୃଦ୍ଧି ହେବା କାରଣ ଏଥିରେ ୨୨୦ ଟଙ୍କା ପ୍ରତି କ୍ୱିଂଟାଲ ବୃଦ୍ଧି ହୋଇଛି। ସେହିପରି ବାଜରାର ଏମଏସପିରେ କ୍ୱିଂଟାଲ ପ୍ରତି ୫୨୫ ଟଙ୍କା ବୃଦ୍ଧି କରାଯାଇଛି ଯାହାଦ୍ୱାରା ବ୍ୟୟ ତୁଳନାରେ ରିଟର୍ଣ୍ଣ ୯୬.୯୭ପ୍ରତିଶତକୁ ବୃଦ୍ଧି ଘଟିବ।

ସିସିଇଏଙ୍କ ଏହି ନିଷ୍ପତିକୁ ଐତିହାସିକ ବୋଲି ବିବେଚନା କରାଯାଉଛି । କାରଣ ଏଥିରେ ପୂର୍ବରୁ କୃଷକମାନଙ୍କ ଦିଆଯାଇଥିବା ପ୍ରତିଶ୍ରୁତି କାଯର୍ଯ୍ୟକାରୀ ହୋଇଛି। ୨୦୧୮-୧୯ ସାଧାରଣ ବଜେଟରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ସମସ୍ତ ଖରିଫ ଫସଲର ପାଖାପାଖି ଦେଢ଼ଗୁଣା ସମର୍ଥନ ମୂଲ୍ୟ ଦିଆଯିବ। ଲାଗି ଘୋଷଣା କରାଯାଇଥିଲା। ଏହି ନୀତି ଆଧାରରେ ଆଜି ସିସିଇଏ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି।ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ନେଇ ସଂଗ୍ରାମ ଜାରୀ ରହିବ। ଆଜି କେନ୍ଦ୍ର କ୍ୟାବିନେଟ୍ ରେ ଖରିଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କ୍ୟଂଟାଲ ପ୍ରତି ୨୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତି ନିଆଯାଇଛି। ଏସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି । ଏହାଦ୍ୱାରା ଓଡିଶାର ଚାଷୀ ମାନଙ୍କର କୌଣସି ଲାଭ ହେବ ନାହିଁ । ପୂର୍ବରୁ ଚାଷୀମାନେ ଯେଉଁ କ୍ଷତି ସହୁଥିଲେ ସେହିପରି ସହିବେ ବୋଲି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି । ଆଜିର ବୃଦ୍ଧି ସାଧାରଣ ଲୋକଙ୍କୁ ଆଖି ଠାର ଭଳି ହୋଇଛି। ଓଡିଶା ପାଇଁ ଏହି ନିଷ୍ପତି ଗ୍ରହଣୀୟ ହେଉନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ ଧାନର ଏମଏସପି ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଓଡିଶା ବିଧାନସଭାରେ ସର୍ବ ସମ୍ମତ ନିଷ୍ପତି ନିଆଯାଇଛି। ଏସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା ସାକ୍ଷାତ କରିବା ପାଇଁ ଗୃହ କମିଟି ପକ୍ଷରୁ ସମୟ ମଗାଯାଇଥିଲେ ହେଁ ସମୟ ଦିଆଗଲା ନାହିଁ। ଏଥିପାଇଁ ବିଜେଡି ପକ୍ଷରୁ ଆନ୍ଦୋଳନ ଚାଲୁ ରହିଛି। ଉତ୍ପାଦନ ଖର୍ଚ୍ଚର ଦେଢ ଗୁଣା ଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ନିଜର ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କଲେ ନାହିଁ ସେମାନେ ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। କେନ୍ଦ୍ର କ୍ୟାବିନେଟ୍ ରେ ଏମଏସପି ବୃଦ୍ଧି ନେଇ ଯେଉଁ ନିଷ୍ପତି ହୋଇଛି ତାହା ସମୁଦ୍ରକୁ ଶଙ୍ଖେ ପରି। ଏଥିରେ ଚାଷୀଙ୍କ ପେଟ ପୁରିବ ନାହିଁ ବୋଲି ସେ କହିଛନ୍ତି । ସେହିପରି ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ରେ ଧାନର ସର୍ବନିମ୍ନ ସହାୟକ ଦର ଯେଉଁଭଳି ବୃଦ୍ଧି କରାଯାଇଛି ତାହା ଉତ୍ପାଦନ ଖର୍ଚ୍ଚ ଠାରୁ ଯଥେଷ୍ଟ କମ୍ ରହିଛି। ଓଡିଶାରେ ଧାନର ଉତ୍ପାଦନ ପାଇଁ ଜଣେ ଚାଷୀକୁ ୨୩୪୪ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ଆଜିର ବର୍ଦ୍ଧିତ ମୂଲ୍ୟକୁ ହିସାବକୁ ନେଲେ ଧାନର ସହାୟକ ଦର ୧୭୫୦ ଟଙ୍କା ହେବ। ପ୍ରଧାନମନ୍ତ୍ରୀ ଧାନର ଏମଏସପି ଦେଢଗୁଣା ବୃଦ୍ଧି କରିବେ ବୋଲି ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କୁ କ୍ୟଂଟାଲ ପିଛା ୩୫୧୬ ଟଙ୍କା ହେବା କଥା। ବର୍ତ୍ତମାନର **(ପୃଷ୍ଠା-୭)**

୫ଦିନିଆ ରିମାଣ୍ଡରେ ଟିଟୋ

କେନ୍ଦ୍ରାପଡ଼ା, ୪।୭ (ସକାଳ ଖବର): ଗ୍ୟାଙ୍ଗଷ୍ଟାର ଟିଟୋ ଓରଫ୍ ସୟଦ ଉସମାନ ଅଲ୍ଲୀକୁ କ୍ରାଇମବ୍ରାଂଚ ପଚରାଉଚରା ପାଇଁ ୫ଦିନ ରିମାଣ୍ଡରେ ନେଇଥିବା ଜଣାପଡିଛି। କ୍ରାଇମବ୍ରାଂଚ ଏସ୍.ଡି.ଏଫ୍ ପକ୍ଷରୁ ୧୦ ଦିନ ରିମାଣ୍ଡରେ ନେବା ପାଇଁ ଅଦାଲତରେ ଆବେଦନ କରାଯାଇଥିଲା। ବିଚାରପତି ଏହାର ଶୁଣାଣୀ କରି ୫ଦିନ ଟିଟୋକୁ ରିମାଣ୍ଡରେ ନେବା ପାଇଁ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ଗ୍ୟାଙ୍ଗଷ୍ଟାର ଟିଟୋକୁ କ୍ରାଇମବ୍ରାଂଚ ଓ ଏସ୍.ଟି.ଏଫ୍ କେନ୍ଦ୍ରାପଡା କୋର୍ଟରେ ମଙ୍ଗଳବାର ହାଜର କରାଇଛି। ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ସୁରକ୍ଷା ବଳୟରେ ରଖାଯାଇ ଟିଟୋକୁ ପ୍ରଥମେ ଏସଡିପିଓ ଙ୍କ କାଯର୍ଯ୍ୟାଳୟ ପରିସରରେ ରଖାଯାଇ କୋର୍ଟରେ ହାଇଜର କରାଯାଇଥିଲା। ହତ୍ୟା, ଦାଦାବଟି ଆଦାୟ ଆଦି ସଙ୍ଗୀନ ଅଭିଯୋଗରେ ଗିରଫ କରାଯାଇଥିବା ଓ ୧୦ଦିନ ରିମାଣ୍ଡରେ ନେବା ପାଇଁ **(ପୃଷ୍ଠା-୭)**

ସାବ୍‌ଧାନ, ମାତିଛନ୍ତି ଏଟିଏମ୍ ଲୁଟେରା

୧୧ଜଣିଆ ଏଟିଏମ୍ ଲୁଟେରା ଦଳ ଗିରଫ

ନଗଦ ଟଙ୍କା ସମେତ ବହୁ ସାମଗ୍ରୀ ଜବତ

ରାଉରକେଲା,୪।୭ (ସକାଳ ଖବର): ରାଉରକେଲା। ପୋଲିସ ବିଭିନ୍ନ ଜାଗାରେ ଚଡଉ କରି ରାଜ୍ୟ ଓ ରାଜ୍ୟ ବାହାରେ ଏଟିଏମ୍ ରୁ ତଥ୍ୟ ନେଇ ଆକାଉଁଟ ରୁ ଟଙ୍କା ଲୁଟ କରୁଥିବା ୧୧ଜଣିଆ ଲୁଟେରା ଦଳକୁ ଗିରଫ କରିଛି । ସେମାନଙ୍କ ଠାରୁ ନଗଦ ୪ଲକ୍ଷ ଟଙ୍କା,୨ଟି ଲାପଟପ,୨ଟି ସ୍ୱାପ ମେସିନ,୩ଟି କାର,୫୦ଟି ଏଟିଏମ କାର୍ଡ,୧୫ଟି ମୋବାଇଲ ଜବତ କରାଯାଇଛି । ଏମାନେ ଏଟିଏମ ଗୁଡିକରେ ଜଗିରହି ଲୋକଙ୍କୁ ସାହାଯ୍ୟ କରିବା ବାହାନାରେ କାଇଦା କରି ନିଜ ସ୍ୱାପ ମେସିନରେ କାର୍ଡକୁ ସ୍ୱାପ କରାଇ ସମସ୍ତ ତଥ୍ୟ ନେବା ସହ ସିକ୍ରେଟ ପିନ ନମ୍ବରକୁ ମନେ ରଖି ପରେ ସେ ଆକାଉଁଟରୁ ଟଙ୍କା ଲୁଟ କରି ନେଉଥିଲେ । ସେଥିଲାଗି ଏମାନେ ଲାପଟପ ଓ ବିଭିନ୍ନ ସଫଟୱେୟାର ବ୍ୟବହାର କରୁଥିଲେ । ଏମାନେ ରାଉରକେଲାରେ ଏହିଭଳି ୧୭ଟି ଠକେଇ କରିଥିବା ବେଳେ ରାଜ୍ୟର ୧୪ଟି ଜିଲ୍ଲାରେ ଏଭଳି ଠକେଇ କରିଥିବା ପୋଲିସ ପ୍ରକାଶ କରିଛି। ।ସୁନ୍ଦରଗଡ ସମେତ ସମ୍ବଲପୁର, ଝାରସୁଗୁଡା, ମୟୁରଭଂଜ, ଭୁବନେଶ୍ୱର, ପୁରୀ ଅଂଚଳରେ ଏଭଳି ଠକେଇ କରିଥିବା ପ୍ରକାଶ । ଏହାଛଡା ଏମାନେ ରାଜ୍ୟ ବାହାରେ ବିହାର, ଝାଡଖଣ୍ଡ, ଗୁଜୁରାଟ, ପଶ୍ଚିମବଂଗ ପ୍ରଭୃତି ଜିଲ୍ଲାରେ ମଧ୍ୟ ଏଭଳି ଠକେଇ କରିଥିବା ପୋଲି ତଦନ୍ତ ବେଳେ ଜାଣିପାରିଛି । ରାଉରକେଲାରୁ ଏନେଇ ଏକ ସୂଚନା ପାଇବା ପରେ ପୁଲିସ ସନ୍ଦେହରେ କିଛି ଲୋକଙ୍କୁ ପଚରା ଉଚରା କରିବା ପରେ ଧିରେ ଧିରେ ସମସ୍ତ କଥା ପଦାକୁ ଆସିଥିଲା ।ତାପରେ ଏମାନଙ୍କୁ ବିଭିନ୍ନ ଜାଗାରୁ ଗୀରଫ କରାଯାଇଥିବା ନେଇ ଆଜି ରାଉରକେଲା ପୋଲିସ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛି ।

ବ୍ୟାଙ୍କ ଡକାୟତି ଠାରୁ ଆରମ୍ଭ କରି ଏଟିଏମ ଲୁଟେରା ଯାଏଁ ସବୁ ହେଉଛନ୍ତି ଝାଡଖଣ୍ଡ ଅଂଚଳର ।ନିକଟରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରୁ ନଗଦ ୪୨ଲକ୍ଷ ଟଙ୍କା ଲୁଟ,୨ବର୍ଷ ତଳେ ସେହିପାଖରୁ ଆଉ ୨ଟି ବ୍ୟାଙ୍କ ରୁ ଟଙ୍କା ସୁନା ମିଶାଇ ପ୍ରାୟ ୫କୋଟି ଲୁଟ ହେବା ଘଟଣାରେ ପୋଲିସ କେବଳ ଝାଡଖଣ୍ଡ ଅପରାଧୀଙ୍କ ସଂପୃକ୍ତି କହି ନୀରବ ।ଏଯାଏଁ କେହି ଗିରଫ ହୋଇ ନଥିବା ବେଳେ ଟଙ୍କା ମଧ୍ୟ ଧରାପଡିନାହିଁ । ଆଜିର ସାମ୍ବାଦିକ ସମ୍ମିଳନୀ ରେ ଏସ ଡି ପିଓ ପଦ୍ମିନୀ ସାହୁ ଡି ଏସ ପି ପି କେ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଦୁଷ୍କର୍ମ ଅଭିଯୁକ୍ତକୁ ଆଣ୍ଠେଇ ଆଣ୍ଠେଇ ଚଲାଇଲେ

ତିହିଡି,୪।୭ (ସକାଳ ଖବର): ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଜଣେ ଯୁବକଙ୍କୁ ଆଜି ହଟହଟା ହେବାକୁ ପଡିଛି। ଗାଁ ଲୋକେ ଉକ୍ତ ଯୁବକକୁ ପ୍ରଜା କୋର୍ଟରେ ବିଚାର କରି ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଯିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଯୁବକଙ୍କୁ ଗାଁ ଦାଣ୍ଡରେ ଆଣ୍ଠେଇ ବୁଲିବା ସହ ଛେପ ପକାଇ ନାକ ଘଷିବାକୁ ବାଧ୍ୟ କରିଥିଲେ। କଥା ଏତିକିରେ ସରି ନଥିଲା ସୋସିଆଲ ମିଡିଆରେ ଏହି ଘଟଣା ଏବେ ଭାଇରାଲ ହୋଇଛି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅର୍ନ୍ତଗତ ବଜରାପୁର ପଞ୍ଚାୟତ ସଣ୍ଢଗଡା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ଘରେ ନଥିବାବେଳେ ଜୌନିକା ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୁକ୍ତକୁ ଗ୍ରମାବାସୀ ମାନେ ଉତ୍ତମ ମଧ୍ୟମ ଦେବା ସହ **(ପୃଷ୍ଠା-୭)**



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ହୁଣ୍ଡିର ଆୟ (୨୯.୬.୧୮)
୧,୯୦,୯୯୦

ଓଆରଏଚ୍‌ଡିସିରେ ଆର୍ଥିକ ଅନିୟମିତତା ମାମଲା

ଖାଲି ହାତରେ ଫେରିଲେ ଭିଜିଲାନ୍ସ ଅଧିକାରୀ

ଭୁବନେଶ୍ୱର, ୪।୭ (ସକାଳ ଖବର): ଗତକାଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଆଇଏଏସ୍ ବିନୋଦ କୁମାରଙ୍କ ଘର ଉପରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ତାଙ୍କୁ ଗିରଫ କରିବା ପାଇଁ ଭିଜିଲାନ୍ସ ଅଧିକାରୀ ମାନେ ଭୁବନେଶ୍ୱର ନୟାପଲ୍ଲୀ ଭିଆଇପି କଲୋନୀ ସ୍ଥିତ ସରକାରୀ ବାସଭବନକୁ ଯାଇଥିଲେ ହେଁ ତାଙ୍କୁ ପାଇନଥିଲେ । ବହୁ ସମୟ ଧରି ତାଙ୍କ ବାସଭବନରେ ଜଗି ରହିଥିଲେ । ଶ୍ରୀ କୁମାର ଅଫିସ୍ ମଧ୍ୟ ଯାଇ ନଥିଲେ । ବର୍ତ୍ତମାନ ସେ ଉଚ୍ଚଶିକ୍ଷା ବିଭାଗର ଓଏସଡି ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ବିରୁଦ୍ଧରେ ୨୩ଟି ଅର୍ଥ ଅନିୟମିତତା ଓ ଆୟବର୍ହିଭୂତ ସଂପତି ମାମଲା ରହିଛି। ସୂଚନାଯୋଗ୍ୟ ଯେ ଗତକାଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଓଆର୍‌ଏଚଡିସିର ତତ୍କାଳୀନ ଏମଡି ତଥା ବରିଷ୍ଠ ଆଇଏଏସ୍ ବିନୋଦ କୁମାର ଦୋଷୀ ସାବ୍ୟସ୍ତ ହୋଇଥିଲେ । ବିନୋଦଙ୍କ ସମେତ ତତ୍କାଳୀନ ଆସିଷ୍ଟାଷ୍ଟ ମ୍ୟାନେଜର **(ପୃଷ୍ଠା-୭)**

ଯୁବକଂଗ୍ରେସ କର୍ମୀମାନେ ଆଜି ନବୀନ ନିବାସ ଘେରାଉ କରାଯିବାକୁ ଯିବାବେଳେ ରାଜମହଲ ଛକ ନିକଟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିଛି । ପୋଲିସ ଓ ଯୁବକଂଗ୍ରେସ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଫଳରେ କେତେକ କଂଗ୍ରେସ କର୍ମୀ ଏଥିରେ ଆହତ ହୋଇଥିବା ସୂଚନା ମିଳିଥିବା ବେଳେ ଶତାଧିକ ଯୁବକଂଗ୍ରସ କର୍ମୀଙ୍କୁ ପୋଲିସ ଅଟକ ରଖିଛି । ଯୋଜନା ମୁତାବକ ଦଳର କର୍ମୀମାନେ ଅପରାହ୍ଣରେ ରାଲି କରି ନବୀନ ନିବାସ ଘେରାଉ କରିବାକୁ ଯିବାବେଳେ ସ୍ଥାନୀୟ ରାଜମହଲ ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା ।

ଅମରନାଥ ଯାତ୍ରା ସ୍ଥଗିତ

ଶ୍ରୀନଗର, ୪।୭: ମଙ୍ଗଳବାର ରାତିରେ ଦକ୍ଷିଣ କଶ୍ମୀରରେ ପ୍ରବଳ ବର୍ଷା ହେବା ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହେବାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅମରନାଥ ଯିବା ପାଇଁ ରହିଥିବା ଉଭୟ ବାଲ୍‌ତାଲ ମାର୍ଗ ଓ ପହଲଗମ୍ ମାର୍ଗରେ ଯାତାୟତ ସ୍ଥଗିତ କରି ଦିଆଯାଇଛି । ପ୍ରବଳ ବର୍ଷା ହେତୁ ଭୂସ୍ଖଳନ ଘଟିବାରୁ ୪ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ପରେ ବୁଧବାର ଏହି ନିଷ୍ପତ୍ତି ନିଆଯାଇଛି । ତୀର୍ଥଯାତ୍ରୀମାନଙ୍କ ମଧ୍ୟରୁ ୨ ଜଣ ମହିଳା ଥିବା ବେଳେ ଅନ୍ୟ ୨ ଜଣ ପୁରୁଷ ରହିଛନ୍ତି । ଚିହ୍ନଟ ହୋଇଥିବା ୩ ମୃତକ ହେଉଛନ୍ତି ବିହାରର ଅଶୋକ ମଥା, ଦିଲ୍ଲୀର ଶୈଳୀନ୍ଦର୍(୩୦), ଜ୍ୟୋତି ଶର୍ମା(୩୫) । ସେମାନଙ୍କ ସଂପର୍କରେ ଅଧିକ ସୂଚନା ଏବେ ସୁଦ୍ଧା ହସ୍ତଗତ ହୋଇନାହିଁ । ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ପ୍ରବଳ ବର୍ଷାପାତ ହେତୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଭୂସ୍ଖଳନ ଘଟଥିବାରୁ ମନ୍ଦିରକୁ ଯିବା ପାଇଁ ଥିବା ବାଲ୍‌ତାଲ **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick